
# ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା

## ନିର୍ଦ୍ଦେଶାବଳୀ



ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

pc.odisha.gov.in
cmsa.odisha.gov.in

# ଓଡ଼ିଶା ସରକାର

## "ମୁଖ୍ୟମନ୍ତ୍ରୀ- ସ୍ୱତନ୍ତ୍ର ସହାୟତା" ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସମନ୍ୱିତ ନିର୍ଦ୍ଦେଶାବଳୀ

(ଓସ୍ୱାସ୍ ଫାଇଲ୍ ନଂ-ପିସି-ଜିଆଇଏ-ଜିଆଇଏ-୦୦୦୭-୨୦୨୩ ଏବଂ ଅର୍ଥ ବିଭାଗ ପତ୍ର ସଂଖ୍ୟା-୧୨୨୫୮, ତା ୨୪.୦୪.୨୦୨୩ ରିଖର ଆଦେଶ ଅନୁଯାୟୀ ପୂର୍ବ "ସ୍ୱତନ୍ତ୍ର ସମସ୍ୟା କାଳୀନ ପାଣ୍ଠି"କୁ "ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା" ନାମରେ ନାମିତ କରାଯାଇଛି)

ଜୁନ, ୨୦୨୫

ଯୋଜନା ଓ ସଂଯୋଜନ ବିଭାଗ

## "ମୁଖ୍ୟମନ୍ତ୍ରୀ- ସ୍ୱତନ୍ତ୍ର ସହାୟତା" ଯୋଜନାରେ କାର୍ଯ୍ୟ ମଞ୍ଜୁର ଓ ସମ୍ପାଦନ ପାଇଁ ସମନ୍ୱିତ ମାର୍ଗଦର୍ଶିକା

### ବିଷୟ ସୂଚୀ


| କ୍ର.ସଂ. | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| ୧. | ଉଦ୍ଦେଶ୍ୟ | ୧ |
| ୨. | ପାଣ୍ଠିର ବ୍ୟବସ୍ଥା | ୧ |
| ୩. | ଗ୍ରହଣୀୟତା | ୧ |
| ୪. | ଅଗ୍ରହଣୀୟତା | ୨ |
| ୫. | ଦୃଷ୍ଟାନ୍ତମୂଳକ ତାଲିକା | ୨ |
| ୬. | ଆର୍ଥିକ ସୀମା | ୨ |
| ୭. | ପ୍ରକଳ୍ପ ଚୟନ | ୩ |
| ୮. | ପାଣ୍ଠି ମଞ୍ଜୁରୀ ଓ ପ୍ରଦାନ | ୩ |
| ୯. | କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା (ଏଜେନ୍ସି) | ୩-୪ |
| ୧୦. | ପାଣ୍ଠିର ଉପଯୋଗ | ୪ |
| ୧୧. | ଯଥାନୁପାତ ଦେୟ (ପ୍ରୋ-ରାଟା ଚାର୍ଜେସ୍) | ୫ |
| ୧୨. | ହିସାବ ପ୍ରଣାଳୀ | ୫-୬ |
| ୧୩. | ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ପ୍ରଶାସନିକ ଅନୁମୋଦନ | ୬ |
| ୧୪. | ପାଣ୍ଠିର ପୁନର୍ବିନିଯୋଗ | ୭ |
| ୧୫. | ନିରୀକ୍ଷଣ ଏବଂ ତଦାରଖ | ୭ |
| ୧୬. | ଗୁରୁତ୍ୱପୂର୍ଣ୍ଣ ସର୍ତ୍ତାବଳୀ | ୮ |
| ୧୭. | ସ୍ପଷ୍ଟୀକରଣ | ୯ |
| ୧୮. | କାର୍ଯ୍ୟକାରିତା ବ୍ୟବସ୍ଥା ସଂକ୍ଷିପ୍ତରେ | ୧୦ |
| ୧୯. | ଯୋଗପତ୍ର-୧ | ୧୧-୧୨ |

# ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ପାଣ୍ଠି ମଞ୍ଜୁର ପାଇଁ ସମନ୍ୱିତ ମାର୍ଗଦର୍ଶିକା

## ୧. ଉଦ୍ଦେଶ୍ୟ:

"ସ୍ୱତନ୍ତ୍ର ସମସ୍ୟା କାଳୀନ ପାଣ୍ଠି" ଯୋଜନା ୧୯୯୭-୯୮ ମସିହାରେ ରାଜ୍ୟରେ ଆରମ୍ଭ ହୋଇଛି ଏବଂ ୨୦୨୩-୨୪ରୁ ଏହାକୁ ସି.ଏମ.-ସ୍ପେଶିଆଲ ଆସିଷ୍ଟାନ୍ସ (ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସାହାୟତା) ଯୋଜନା ନାମରେ ନାମିତ କରାଯାଇଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବିଶେଷ ସ୍ୱଭାବର ସମସ୍ୟା ଜନିତ ସ୍ଥାନୀୟ ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବା, ଯାହାର ଅଭାବରେ ବିକାଶ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ରହିବ। ଉଦାହରଣ ସ୍ୱରୂପ, ବିଦ୍ୟମାନ ଉନ୍ନୟନ ଭିତ୍ତିଭୂମିରେ ଅନୁପସ୍ଥିତ ସଂଯୋଗ ପ୍ରଦାନ କରିବା ସହିତ ମରାମତି, ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କାର୍ଯ୍ୟ କରିବା, ବିଶେଷକରି ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, କଲଭର୍ଟ, ପୋଲ, ବନ୍ଧ, ସାର୍ବଜନୀନ ଧାର୍ମିକ ସ୍ଥଳ, ସାଂସ୍କୃତିକ ଅନୁଷ୍ଠାନ ତଥା ନୂତନ ପ୍ରକଳ୍ପ ନିର୍ମାଣ କରିବା, ଯାହା ଜନ ସମୁଦାୟର ସାମଗ୍ରିକ ବିକାଶ ଏବଂ ସାଧାରଣ ଜନତାଙ୍କ କଲ୍ୟାଣରେ ସହାୟକ ହେବ, ଯେଉଁଥି ପାଇଁ ପାଣ୍ଠି ଅନ୍ୟଥା ଉପଲବ୍ଧ ହୋଇ ନଥାଏ, ତାହା ଏହି ଯୋଜନା [ଏସ.ପି.ଏଫ୍. ମାର୍ଗଦର୍ଶିକା (ଗାଇଡଲାଇନ୍)-୨୦୦୩-ପାରା-ଅବଜେକ୍ଟିଭ୍ (ଉଦ୍ଦେଶ୍ୟ)] ଅଧୀନରେ ରହିଥିବା ପାଣ୍ଠି ମାଧ୍ୟମରେ ନିଆଯାଇପାରିବ।

## ୨. ପାଣ୍ଠିର ବ୍ୟବସ୍ଥା:

ଯୋଜନା ଓ ସଂଯୋଜନ ବିଭାଗର ରାଜ୍ୟ ଯୋଜନା ବଜେଟରେ ପ୍ରତି ବର୍ଷ ଅନୁଦାନ ଆକାରରେ "ସି.ଏମ.-ସ୍ପେଶିଆଲ ଆସିଷ୍ଟାନ୍ସ (ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା)" ଯୋଜନା ପାଇଁ ପାଣ୍ଠି ଯୋଗାଇ ଦିଆଯିବ । ୨୦୨୧-୨୨ ଏବଂ ଏହା ପରଠାରୁ ରାଜ୍ୟ ବଜେଟରେ ଏହି ଯୋଜନାରେ ପ୍ରଦାନ କରାଯାଇଥିବା ପାଣ୍ଠିର ମଞ୍ଜୁର ଏବଂ ବ୍ୟବହାର ପାଇଁ ଏଠାରେ ଧାର୍ଯ୍ୟ ମାର୍ଗଦର୍ଶିକା ଲାଗୁ ହେବ। ତେବେ ଏହି ମାର୍ଗଦର୍ଶିକା ସେହି ଯୋଜନା ଅଧୀନରେ ପୂର୍ବ ବର୍ଷର ମଞ୍ଜୁରୀର ଅବ୍ୟବହୃତ ବଳକା ଅର୍ଥ ଉପରେ ମଧ୍ୟ ଲାଗୁ ହେବ, ଯେଉଁଥିପାଇଁ କୌଣସି ନା କୌଣସି କାରଣରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାଦେଶ ଜାରି ହୋଇନାହିଁ [ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩- ପାରା- ପାଣ୍ଠିର ବ୍ୟବସ୍ଥା (ପ୍ରୋଭିଜନ୍ ଅଫ୍ ଫଣ୍ଡ)]।

## ୩. ଗ୍ରହଣୀୟତା:

ଏହି ଯୋଜନା ଅଧୀନରେ ଅନୁଦାନ ମଞ୍ଜୁର ପାଇଁ ଏକ ପ୍ରକଳ୍ପ ଗ୍ରହଣୀୟ ବୋଲି ବିବେଚନା କରାଯିବ (ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩-ପାରା- ଗ୍ରହଣୀୟତା ) ଯଦି:

(୧) ଏହା ବିକାଶମୂଳକ ସ୍ୱଭାବର ଏକ ପ୍ରକଳ୍ପ ହୋଇଥିବ।

(୨) ଏହା ଜିଲ୍ଲା କ୍ଷେତ୍ର ଯୋଜନା/ ବିଷୟ ଅଧୀନରେ ଆସୁଥିବ।

(୩) ଏହା ପୁନରାବୃତ୍ତି ବ୍ୟୟକୁ ଆମନ୍ତ୍ରଣ କରୁ ନଥିବ।

(୪) ଏହା ବ୍ୟାପକ ସଂଖ୍ୟାରେ ଉପଯୋଗୀ ଗୋଷ୍ଠୀ ସମ୍ପତ୍ତି ସୃଷ୍ଟି କରୁଥିବ ଏବଂ ଗୋଷ୍ଠୀକୁ ଲାଭ ପ୍ରଦାନ କରୁଥିବ।

(୫) ଏହା ଜନସାଧାରଣଙ୍କ ପ୍ରାଚୀନ ସ୍ମାରକୀ ଏବଂ ଧାର୍ମିକ ଅନୁଷ୍ଠାନର ସଂରକ୍ଷଣ ଏବଂ ନବୀକରଣ କରୁଥିବ।

(୬) ଏହା ନିରୋଧକ, ନିରାକରଣକାରୀ, ସୁରକ୍ଷାମୂଳକ ଏବଂ / କିମ୍ବା ଉତ୍ପାଦକ ପ୍ରକୃତିର ଏକ କାର୍ଯ୍ୟକ୍ରମ ହୋଇଥିବ।

## ୪. ଅଗ୍ରହଣୀୟତା:

ଏହି ଯୋଜନା ଅଧୀନରେ ଅନୁଦାନ ମଞ୍ଜୁର ପାଇଁ କୌଣସି ପ୍ରକଳ୍ପକୁ ଅଯୋଗ୍ୟ ବିବେଚନା କରାଯିବ [ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩ର ପାରା-୪- ପାରା-ଅଗ୍ରହଣୀୟତା (ଇନଆଡମିସିବିଲିଟି)] ଯଦି :

(୧) ଏହା ଅଣ-ବିକାଶମୂଳକ ସ୍ୱଭାବର କାର୍ଯ୍ୟକ୍ରମ ହୋଇଥାଏ ଅଥବା ଗୋଷ୍ଠୀର କଲ୍ୟାଣ ପାଇଁ ଅପରିଣାମଦର୍ଶୀ ହୋଇଥାଏ।

(୨) ଏହା ରାଜ୍ୟ/ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ/କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ହୋଇଥିବ।

(୩) ଏହା ଭବିଷ୍ୟତ ପାଇଁ ଦାୟିତ୍ୱ ସୃଷ୍ଟି କରୁଥିବ।

(୪) ଏହା ଜଣେ ବ୍ୟକ୍ତିକୁ ଫାଇଦା ଦେଉଥିବ, କିନ୍ତୁ ସର୍ବସାଧାରଣ ଲୋକଙ୍କୁ ଫାଇଦା ଦେଉ ନଥିବ।

(୫) ନିର୍ମାଣ କାର୍ଯ୍ୟ ଜନସାଧାରଣଙ୍କ ମାଲିକାନାରେ ନଥିବା ଜମି/ ବିବାଦୀୟ ଜମି/ ଏକ ଭିନ୍ନ କିସମର ଜମିଉପରେ ହାତକୁ ନିଆଯିବାକୁ ଥିବ।

(୬) ପ୍ରାଚୀନ ସ୍ମାରକୀ/ ଧାର୍ମିକ ଅନୁଷ୍ଠାନର ନବୀକରଣ/ପୁନଃନିର୍ମାଣ ବ୍ୟତୀତ ଏହା କୌଣସି ବୃତ୍ତିଗତ/ ବ୍ୟବସାୟିକ ସଂଘ ବା ଧାର୍ମିକ ଅନୁଷ୍ଠାନର ଏକ ପ୍ରକଳ୍ପ ହୋଇଥିବ।

(୭) ଏହି ଅନୁଦାନକୁ କାର୍ଯ୍ୟାଳୟ କୋଠା/ କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ, ଆସବାବପତ୍ର/ ଯାନବାହନ/ ଉପକରଣ/ ବହି/ ଷ୍ଟେସନାରୀ/ ମରାମତି ଓ ରକ୍ଷଣାବେକ୍ଷଣ/ ମନୋରଞ୍ଜନ କାର୍ଯ୍ୟରେ ବ୍ୟୟ ଇତ୍ୟାଦି ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ରହିଥିବ।

(୮) ଏହା ଏକ ଆକସ୍ମିକ ବ୍ୟୟ/ ପୂର୍ବରୁ ହୋଇଥିବା ଆର୍ଥିକ ଦାୟିତ୍ୱ ନିର୍ବାହକୁ ସମ୍ପୃକ୍ତ କରୁଥିବା ଏକ ପ୍ରସ୍ତାବ ହୋଇଥିବ।

## ୫. ଦୃଷ୍ଟାନ୍ତମୂଳକ ତାଲିକା:

ଏହି ଯୋଜନା ଅଧୀନରେ ଗ୍ରହଣୀୟ ଏବଂ ଅନ୍ୟ ଏକ ଅଗ୍ରହଣୀୟ ପ୍ରକଳ୍ପଗୁଡିକର ତାଲିକା ଏହି ମାର୍ଗଦର୍ଶିକାରେ ଯୋଗପତ୍ର-୧ ମାଧ୍ୟମରେ ଯୋଡ଼ାଯାଇଛି। ଏହି ତାଲିକାଗୁଡ଼ିକ କେବଳ ଦୃଷ୍ଟାନ୍ତମୂଳକ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। ତେଣୁ ପ୍ରକଳ୍ପ ଚୟନରେ ଯଥେଷ୍ଟ ଯତ୍ନ ନିଆଯିବା ଆବଶ୍ୟକ ଯଦ୍ୱାରା ଯୋଜନାର ଚୂଡ଼ାନ୍ତ ଉଦ୍ଦେଶ୍ୟ ହାସଲ ହୋଇପାରିବ ।

## ୬. ଆର୍ଥିକ ସୀମା:

ରାଜ୍ୟର ଉପଲବ୍ଧ ଉତ୍ସ ଏବଂ ବଜେଟ୍ ବ୍ୟବସ୍ଥାଗୁଡ଼ିକୁ ବିଚାରକୁ ନେଇ, ଏହି ଯୋଜନା ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକର ସର୍ବନିମ୍ନ ସୀମା ଟ. ୧୦.୦୦ ଲକ୍ଷ ଟଙ୍କା ଏବଂ ସର୍ବୋଚ୍ଚ ସୀମା ଟ. ୫୦.୦୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ, ଅସାଧାରଣ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହି ସୀମାକୁ କୋହଳ କରିପାରନ୍ତି|

## ୭. ପ୍ରକଳ୍ପ ଚୟନ:

ମାନ୍ୟବର ମନ୍ତ୍ରୀ, ବିଧାୟକ, ଅନ୍ୟାନ୍ୟ ଜନପ୍ରତିନିଧି, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳମାନେ ସେମାନଙ୍କ କ୍ଷେତ୍ର ପରିଦର୍ଶନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା ଆଧାରରେ ବିଶେଷ ପ୍ରକାରର ସମସ୍ୟା ସମ୍ପର୍କିତ ପ୍ରକଳ୍ପ ଗୁଡ଼ିକୁ ଏହି ଯୋଜନା ଅଧୀନରେ ହାତକୁ ନେବାକୁ ସୁପାରିସ କରିପାରିବେ। ଯୋଜନା ଓ ସଂଯୋଜନ ବିଭାଗରେ ପ୍ରାପ୍ତ ଏଭଳି ସମସ୍ତ ପ୍ରକଳ୍ପ ପ୍ରସ୍ତାବକୁ ଯାଞ୍ଚ କରାଯିବ ଏବଂ ମାର୍ଗଦର୍ଶିକାକୁ ସୁନିଶ୍ଚିତ କରୁଥିବା ପ୍ରକଳ୍ପଗୁଡ଼ିକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବ ଯେଉଁଥିରେ ପ୍ରକଳ୍ପଗୁଡ଼ିକର ବିବରଣୀ, ପ୍ରସ୍ତାବିତ ରାଶି ଏବଂ ସୁପାରିସକାରୀ କର୍ତ୍ତୃପକ୍ଷଙ୍କ ନାମମାନ ଉଲ୍ଲେଖ ରହିବ। ପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ସେମାନଙ୍କର ପ୍ରାଥମିକତା ଏବଂ ଅନୁମୋଦନ ପାଇଁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। [ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩- ପାରା-ପ୍ରକଳ୍ପଗୁଡ଼ିକର ମନୋନୟନ/ଚୟନ (ସିଲେକ୍ସନ ଅଫ୍ ପ୍ରୋଜେକ୍ଟସ୍)]

## ୮. ପାଣ୍ଠି ମଞ୍ଜୁରୀ ଓ ପ୍ରଦାନ:

ପ୍ରକଳ୍ପଗୁଡ଼ିକର ପ୍ରାଥମିକତା ତାଲିକା ସରକାର ଅନୁମୋଦନ କରିବା ପରେ, ରାଜ୍ୟ ବଜେଟରେ ଏହି ଯୋଜନା ଅଧୀନରେ ଉପଲବ୍ଧ ପାଣ୍ଠିର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକୁ ସେମାନଙ୍କ ପ୍ରାଥମିକତା ଅନୁଯାୟୀ ମଞ୍ଜୁର କରାଯିବ। କୌଣସି ଜିଲ୍ଲା ସମ୍ବନ୍ଧୀୟ ପ୍ରକଳ୍ପ ବାବଦରେ ଆବଶ୍ୟକ ପାଣ୍ଠି ସେହି ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ଅନ୍ୟାନ୍ୟ ସରକାରୀ ବିଭାଗ/ସରକାରୀ ସଂସ୍ଥାକୁ ପ୍ରଦାନ କରାଯିବ। (ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩- ପାରା-ମଞ୍ଜୁରୀ ଓ ପାଣ୍ଠି ପ୍ରଦାନ)

ପ୍ରକଳ୍ପ ଏବଂ ଏହାର କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାଗୁଡ଼ିକୁ ଜିଲ୍ଲାପାଳଙ୍କ ଅନୁମୋଦନ ମିଳିବା ମାତ୍ରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅନୁମୋଦନ ମଞ୍ଜୁରୀ ଆଦେଶ ପ୍ରସ୍ତୁତ କରିବେ ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ସମ୍ପୃକ୍ତ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାଗୁଡ଼ିକୁ ଆନୁମାନିକ ଅନୁମୋଦିତ ମୂଲ୍ୟ ସହିତ ସମାନ ପରିମାଣର ସି.ଏମ୍.-ଏସ୍.ଏ. ପାଣ୍ଠି ତୁରନ୍ତ ପ୍ରଦାନ କରିବେ (ଯୋଜନା ଓ ସଂଯୋଜନ ବିଭାଗୀୟ ପତ୍ର ସଂ-୧୩୦୪୩, ତା ୧୯.୧୨.୨୦୧୩ ରିଖ)। ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୂର୍ତ୍ତ ଏବଂ ବନ ବିଭାଗ କ୍ଷେତ୍ରରେ ସେମାନଙ୍କ ପି.ଏଲ. ଆକାଉଣ୍ଟ କିମ୍ବା ସରକାରୀ ଆକାଉଣ୍ଟ ମାଧ୍ୟମରେ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ସି.ଏମ.-ଏସ.ଏ. ପାଣ୍ଠି ପ୍ରଦାନ କରିବେ। ଡାଟାବେସ୍ ରକ୍ଷଣାବେକ୍ଷଣ ପାଇଁ ମଞ୍ଜୁରୀ ଆଦେଶର ଏକ ନକଲ (କପି) ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟକୁ ପଠାଯିବ।

## ୯. କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା:

ଯୋଜନା ଓ ସଂଯୋଜନ ବିଭାଗରେ ସରକାରଙ୍କଠାରୁ ମଞ୍ଜୁରୀ ଆଦେଶ ମିଳିବା ମାତ୍ରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରାଜ୍ୟ ସରକାରଙ୍କ ସ୍ଥାପିତ ପଦ୍ଧତିଗୁଡ଼ିକୁ ଅନୁସରଣ କରିବେ, ପ୍ରକଳ୍ପଗୁଡ଼ିକର ପ୍ରକ୍ରିୟାକରଣ କରିବେ, ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାମାନ ଚୟନ କରିବେ। ଗ୍ରାମାଞ୍ଚଳରେ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଜିଲ୍ଲା ପରିଷଦ ଦ୍ୱାରା ଅବଲମ୍ବନ କରାଯାଉଥିବା ପ୍ରକ୍ରିୟା ଅନୁସରଣ କରାଯିବ, ଯେଉଁଥିରେ ପଲ୍ଲୀସଭା ଦ୍ୱାରା ସମ୍ପାଦନକାରୀମାନଙ୍କୁ ଚୟନ କରାଯିବ। ତେବେ

ସମ୍ପାଦନକାରୀ ଚୟନ କରିବା ସମୟରେ ପଲ୍ଲୀସଭାକୁ ଏହି ମାର୍ଗଦର୍ଶିକାକୁ ଦୃଷ୍ଟିରେ ରଖିବାକୁ ପଡ଼ିବ । ରୈଖିକ (ଲାଇନ) ବିଭାଗ ଗୁଡିକ ଅଧୀନରେ ଥିବା କୌଣସି ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଦିଆଯିବା ବେଳେ ସରକାରଙ୍କର କାର୍ଯ୍ୟ ସମ୍ପାଦନ ପାଇଁ ସ୍ଥାପିତ ପ୍ରକ୍ରିୟାକୁ ଅନୁସରଣ କରାଯିବ । ସହରାଞ୍ଚଳ ସମ୍ବନ୍ଧୀୟ କାର୍ଯ୍ୟ/ପ୍ରକଳ୍ପ ସମ୍ପର୍କରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ପ୍ରାଥମିକତା ଦିଆଯିବ, ସ୍ଥଳ ବିଶେଷରେ ସେମାନଙ୍କର ସୁପାରିସ ଆଧାରରେ ଏଭଳି କାର୍ଯ୍ୟଗୁଡ଼ିକୁ ସରକାରୀ ରୈଖିକ (ଲାଇନ୍) ବିଭାଗ କିମ୍ବା ପର୍ଯ୍ୟାପ୍ତ ବୃତ୍ତିଗତ ଦକ୍ଷତା, ପ୍ରମାଣିତ ଅତୀତରେ ଉତ୍ତମ କାମ କରିଥିବାର ବିବରଣୀ (ଟ୍ରାକ୍ ରେକର୍ଡ) ଥିବା ପଞ୍ଜୀକୃତ ବେସରକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିବ।

ଯୋଗ୍ୟତାର ମାନଦଣ୍ଡ ପୂରଣ କରିବା ସର୍ତ୍ତରେ ବେସରକାରୀ ସଂସ୍ଥା/ଅନୁଷ୍ଠାନମାନେ ମଧ ଏହି ଅନୁଦାନ ପାଇବାକୁ ଯୋଗ୍ୟ ହେବେ । ସେମାନଙ୍କୁ ସମୟ ସମୟରେ ଯୋଜନା ଓ ସଂଯୋଜନ ବିଭାଗରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବିଧି ବିଧାନ ଏବଂ ପଦ୍ଧତି ଅନୁଯାୟୀ ସରଳ ଧରଣର ପ୍ରକଳ୍ପ / କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରୀ କରିବାର ଦାୟିତ୍ୱ ଦିଆଯିବ ଏବଂ ସମ୍ପୃକ୍ତ ଜିଲ୍ଲାପାଳମାନେ ରାଜ୍ୟର ସ୍ଥାପିତ ପ୍ରକ୍ରିୟା ଅନୁଯାୟୀ ତାକୁ ଅନୁସରଣ କରିବେ। ସମ୍ପୃକ୍ତ ଅନୁଷ୍ଠାନର ପରିଚାଳନା କମିଟିଗୁଡ଼ିକୁ ଏଭଳି କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇପାରିବ। ଯେତେବେଳେ ଏପରି କୌଣସି ଏଜେନ୍ସି ଉପଲବ୍ଧ ହେବନାହିଁ, ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ସମ୍ପାଦନକାରୀ ଭାବରେ ବିବେଚନା କରାଯାଇପାରେ, ଯାହା ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ସ୍ଥିର କରାଯିବ । ଏହାବ୍ୟତୀତ ବିଶେଷ ବୈଷୟିକ ଜ୍ଞାନ ଏବଂ/କିମ୍ବା ଏହାର କାର୍ଯ୍ୟକାରିତା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତିର ଆବଶ୍ୟକତା ଥିବା ପ୍ରକଳ୍ପକୁ ସମ୍ପାଦନ କରିବା ପାଇଁ କୌଣସି ବେସରକାରୀ ଅନୁଷ୍ଠାନକୁ ନ୍ୟସ୍ତ କରାଯାଇପାରିବ ନାହିଁ ।

ଏକ ବେସରକାରୀ ଅନୁଷ୍ଠାନକୁ ଏକ କାମ ହସ୍ତାନ୍ତର କରିବା ସମୟରେ ସରକାରଙ୍କୁ ବ୍ୟୟ ଏବଂ ଉତ୍ତରଦାୟିତ୍ୱରେ ନିରପେକ୍ଷତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ଯତ୍ନ ନେବାକୁ ପଡ଼ିବ। ଯଦି କୌଣସି ଏନ.ଜି.ଓ. ଦ୍ୱାରା ଏଭଳି ପ୍ରକଳ୍ପ କାର୍ଯ୍ୟକାରୀ ହୁଏ, ତେବେ କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ସେମାନଙ୍କ ସ୍ଥାପିତ ନିୟମ ଏବଂ ନୀତି ଅନୁଯାୟୀ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସହିତ ହେବ ଓ ସରକାରୀ ଏଜେନ୍ସି ଦ୍ୱାରା ଯାଞ୍ଚ କରାଯିବ । ସ୍ୱେଚ୍ଛାସେବୀ ସଂଗଠନ ପଞ୍ଚାୟତିରାଜ/ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ରାଜ୍ୟ ସରକାରଙ୍କ ସ୍ଥାପିତ ପ୍ରକ୍ରିୟା ଅନୁଯାୟୀ ଏକ ଚୁକ୍ତିନାମା ସମ୍ପାଦନ କରିବ। ଯେକୌଣସି ଏଜେନ୍ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟ / ପ୍ରକଳ୍ପଗୁଡ଼ିକ ସରକାର / ଜିଲ୍ଲାପାଳ / ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦ୍ୱାରା କଡ଼ା ତଦାରଖ / ନିରୀକ୍ଷଣ ଅଧୀନରେ ରହିବ।

## ୧୦. ପାଣ୍ଠିର ଉପଯୋଗ:

କାର୍ଯ୍ୟର ଅଗ୍ରଗତିର ପ୍ରଭାବଶାଳୀ ତଦାରଖ ପାଇଁ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ଜିଲ୍ଲା ପରିଷଦ ଏବଂ ସଂପୃକ୍ତ ଜିଲ୍ଲାର ଉପନିର୍ଦ୍ଦେଶକ, (ଯୋଜନା ଓ ପର୍ଯ୍ୟବେକ୍ଷଣ), ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଙ୍କୁ ତ୍ରୈମାସିକ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ପଡ଼ିବ।



ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପୂର୍ବରୁ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକର ପ୍ରକ୍ରିୟା କାର୍ଯ୍ୟ କରି ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ ସଂସ୍ଥା ଚୟନ କରନ୍ତି (ଯୋଜନା ଓ ସଂଯୋଜନ ବିଭାଗରୁ ପ୍ରାପ୍ତ ହେବା ପରେ)

## ୧୧. ଯଥାନୁପାତ ଦେୟ ସମୂହ (ପ୍ରୋରାଟା ଚାର୍ଜେସ୍):

ବିଭିନ୍ନ ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନୁଷ୍ଠାନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଥିବା ପ୍ରକଳ୍ପ/କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାକୁ ଯଥାନୁପାତ ଦେୟ ପ୍ରଦାନରୁ ମୁକ୍ତ କରାଯିବ । ତେବେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓ.ବି. ଆଣ୍ଡ ସି.ସି.), ଓଡ଼ିଶା ରାଜ୍ୟ ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓ.ପି.ଏସ.ଏଚ୍. ଆଣ୍ଡ ଡବ୍ଲ୍ୟୁ.ସି.), ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଓ.ଆଇ.ଆଇ.ଡି.ସି.), ଓଡ଼ିଶା ନିର୍ମାଣ ନିଗମ (ଓ.ସି.ସି.) ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓ.ଟି.ଡି.ସି.) ଇତ୍ୟାଦି କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାଗୁଡ଼ିକୁ ଅତିରିକ୍ତ ଖର୍ଚ୍ଚ ଏବଂ ତଦାରଖ ଦେୟ ଏବଂ ପ୍ରୋତ୍ସାହନ ଦେୟ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦିଆଯାଇଛି । [ରାଜ୍ୟ ସରକାରଙ୍କ ଅଧୀନସ୍ଥ କାର୍ଯ୍ୟଗୁଡିକୁ କାର୍ଯ୍ୟକାରୀ କରିବା ସମ୍ବନ୍ଧରେ ଅର୍ଥ ବିଭାଗ ସର୍କୁଲାର ସଂ-୨୫୨୧୭/ଏଫ୍, ତା ୩୦.୦୭.୨୦୧୮ ରିଖ ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଯୋଜନା ଓ ସଂଯୋଜନ ବିଭାଗର ପତ୍ର ସଂଖ୍ୟା-୯୨୬୩, ତା ୧୪.୦୯.୨୦୨୦ ଅନୁଯାୟୀ (ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩-ପାରା-ପ୍ରୋରାଟା ଚାର୍ଜ)]

## ୧୨. ହିସାବ ପ୍ରଣାଳୀ:

### କ: ଜିଲ୍ଲା ପରିଷଦ

(୧) ଯୋଜନା ଓ ସଂଯୋଜନ ବିଭାଗ ଏହି ଯୋଜନା ଅଧୀନରେ ଅନୁଦାନ ଆକାରରେ ଜିଲ୍ଲା ପରିଷଦକୁ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ପାଣ୍ଠି ମଞ୍ଜୁର କରିବ । ଜିଲ୍ଲାକୁ ମିଳିଥିବା ଅନୁଦାନ ରାଶି ସଂପୃକ୍ତ ଜିଲ୍ଲା ପରିଷଦ ଦ୍ୱାରା ଅନୁଦାନ ବିଲରେ ସଂଗ୍ରହ କରାଯିବ ଏବଂ ସମ୍ପୂର୍ଣ୍ଣ ଖର୍ଚ୍ଚ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ପି.ଏଲ୍. ଆକାଉଣ୍ଟରେ ରଖାଯିବ । ଜିଲ୍ଲାପାଳମାନେ ଏହି ବିଲଗୁଡ଼ିକର ପ୍ରତି(କାଉଣ୍ଟର) ସ୍ୱାକ୍ଷରକାରୀ ଅଧିକାରୀ ହେବେ । ଜିଲ୍ଲାପାଳଙ୍କ ଦ୍ୱାରା ମଞ୍ଜୁରୀ ଆଦେଶର ଅନୁମୋଦନ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାଗୁଡ଼ିକୁ ସେମାନଙ୍କ ପିଏଲ୍ ଆକାଉଣ୍ଟ ଅଥବା ପୂର୍ତ୍ତ କିମ୍ବା ଜଙ୍ଗଲ ଡିଭିଜନ୍ କ୍ଷେତ୍ରରେ ସରକାରୀ ଆକାଉଣ୍ଟ ମାଧ୍ୟମରେ ପାଣ୍ଠି ପ୍ରଦାନ କରିବେ । ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ଓ.ଏମ୍. ସଂ.୩୨୧୫୨/ଏଫ୍ ତା ୧୫.୧୨.୨୦୧୫ ରିଖ ଓ ଅର୍ଥ ବିଭାଗ ଓ.ଏମ୍. ସଂ.୧୧୪୩୭/ଏଫ୍ ତା ୦୮.୦୪.୨୦୨୧ ରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

(୨) କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକ ସମାପ୍ତ ହେବା ପରେ ଜିଲ୍ଲା ପରିଷଦ ପ୍ରକଳ୍ପ ନିମନ୍ତେ ପାଣ୍ଠିର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଉପଯୋଗ ପାଇଁ ଓ.ଜି.ଏଫ.ଆର.-୨୩ ଏବଂ ଓ.ଜି.ଏଫ.ଆର.-୨୪ରେ ଉପଯୋଗ ପ୍ରମାଣପତ୍ର ସଂଗ୍ରହ କରିବ ଏବଂ ଉପ ନିର୍ଦ୍ଦେଶକ (ଯୋଜନା ଓ ପର୍ଯ୍ୟବେକ୍ଷଣ), ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଏବଂ ଯୋଜନା ଓ ସଂଯୋଜନ ବିଭାଗକୁ ଅବଗତ କରାଇ ଜିଲ୍ଲାପାଳଙ୍କ ପ୍ରତି ସ୍ୱାକ୍ଷର ସହିତ ଦାଖଲ କରିବ । ମୁଖ୍ୟମନ୍ତ୍ରୀ- ସ୍ୱତନ୍ତ୍ର ସହାୟତା ଯୋଜନାରେ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଥିବା ପାଣ୍ଠିର ସାଧାରଣ ନଗଦ ଏବଂ ହିସାବ ନଥି ସହିତ ଏକ ପୃଥକ ଅଭିଲେଖ ବହିର ବ୍ୟବସ୍ଥା କରାଯିବ ଏବଂ ଏହା ଉଚ୍ଚ କର୍ତ୍ତୁପକ୍ଷଙ୍କ ଯାଞ୍ଚ ପାଇଁ ଉପଲବ୍ଧ କରାଯିବ ।



ଏସ.ପି.ଏଫ୍. ମାର୍ଗଦର୍ଶିକା-୨୦୦୩ ପ୍ରୋ-ରାଟା ଚାର୍ଜକୁ ଏସ.ପି.ଏଫ. ଅଧୀନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟରୁ ମୁକ୍ତ କରାଯାଇଛି ।

(୩) ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ଅଡିଟ୍ ସମ୍ବନ୍ଧୀୟ ସମସ୍ତ ମାମଲାକୁ ପାଳନ କରିବା ସହିତ ବିଧାନସଭାର ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ଦାୟୀ ରହିବେ।

### ଖ: ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମୂହ

ଉପନିର୍ଦ୍ଦେଶକ (ଯୋଜନା ଓ ପର୍ଯ୍ୟବେକ୍ଷଣ), ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କଠାରୁ ବିନିଯୋଗ ପ୍ରମାଣପତ୍ର ହାସଲ କରିବାରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ସହିତ ସହଯୋଗ ଏବଂ ସମନ୍ୱୟ ରକ୍ଷା କରିବେ ଏବଂ ବିନିଯୋଗ ପ୍ରମାଣ ପତ୍ର / ଅଡିଟ୍ ସମ୍ବନ୍ଧୀୟ ମାମଲାଗୁଡିକ ଠିକ୍ ସମୟରେ ଯୋଜନା ଓ ସଂଯୋଜନ ବିଭାଗରେ ଦାଖଲ ହେବାକୁ ସୁନିଶ୍ଚିତ କରିବେ।

### ଗ: କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା:

କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା, ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ/ସ୍ଥାପିତ ନିୟମାବଳୀକୁ ମାନିବେ। ପଞ୍ଚାୟତ ସମିତି କ୍ଷେତ୍ରରେ, ପ୍ରକଳ୍ପର ମୂଲ୍ୟ ଟ. ୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଥିଲେ ଉକ୍ତ ପ୍ରକଳ୍ପ ଗୁଡିକର ମୂଲ୍ୟପତ୍ରରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପ୍ରତି ସ୍ୱାକ୍ଷର ରହିବ କିନ୍ତୁ, ପ୍ରକଳ୍ପର ମୂଲ୍ୟ ଟ. ୧୦.୦୦ ଲକ୍ଷରୁ ଊର୍ଦ୍ଧ୍ୱ ହେଲେ ଉକ୍ତ ପ୍ରକଳ୍ପ ଗୁଡିକର ମୂଲ୍ୟପତ୍ରରେ ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ପ୍ରତିସ୍ୱାକ୍ଷର ରହିବ।

## ୧୩. ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ପ୍ରଶାସନିକ ଅନୁମୋଦନ:

ସର୍କୁଲାର ସଂ-୧୧୬୭୨, ତା ୧୯.୧୧.୨୦୨୦ ରିଖ ଅନୁଯାୟୀ, ସରକାର ନିମ୍ନଲିଖିତ ଭାବରେ ପ୍ରକଳ୍ପଗୁଡିକ ପାଇଁ ପ୍ରଶାସନିକ ଅନୁମୋଦନ କ୍ଷମତା ପ୍ରଦାନ କରିଛନ୍ତି :

| | ବିଦ୍ୟମାନ | | ସଂଶୋଧିତ | |
|---|---|---|---|---|
| | କର୍ତ୍ତୃପକ୍ଷଙ୍କ ନାମ | ପ୍ରକଳ୍ପ ମୂଲ୍ୟ | କର୍ତ୍ତୃପକ୍ଷଙ୍କ ନାମ | ପ୍ରକଳ୍ପ ମୂଲ୍ୟ |
| ମୁଖ୍ୟମନ୍ତ୍ରୀ – ସ୍ୱତନ୍ତ୍ର ସହାୟତା | ଜିଲ୍ଲାପାଳ | ଟ ୫୦.୦୦ ଲକ୍ଷ ପର୍ଯ୍ୟନ୍ତ | ଜିଲ୍ଲାପାଳ | ପୂର୍ଣ୍ଣ କ୍ଷମତା |
| | ବି.ଡି.ଓ./ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା | ଟ ୧୦.୦୦ ଲକ୍ଷ ପର୍ଯ୍ୟନ୍ତ | ବି.ଡି.ଓ./କାର୍ଯ୍ୟ ନିର୍ବାହୀ ଅଧିକାରୀ, ୟୁଏଲବି | ଟ ୧୦.୦୦ ଲକ୍ଷ ପର୍ଯ୍ୟନ୍ତ |

## ୧୪. ପାଣ୍ଠିର ପୁନର୍ବିନିଯୋଗ :

୧. ଯଦି କୌଣସି ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମ୍ଭବ ହେଉନାହିଁ ଏବଂ କାର୍ଯ୍ୟାଦେଶ ଜାରି ହେବାର ତିନି ମାସ ମଧ୍ୟରେ ସରକାରଙ୍କ ଯୋଗୁଁ ହୋଇ ନଥିବାକାରଣ ପାଇଁ କୌଣସି ବ୍ୟୟ ବରାଦ ହୋଇନାହିଁ, ତେବେ ସମ୍ପୃକ୍ତ ପାଣ୍ଠିକୁ ଅନ୍ୟ କୌଣସି ପ୍ରକଳ୍ପ ପାଇଁ ବ୍ୟବହାର କରିବାକୁ ପଡ଼ିବ, କାରଣ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ପରିବର୍ତ୍ତନ/ପ୍ରତିବଦଳ ପାଇଁ ଏହି ସର୍ତ୍ତ ସହିତ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି ଯେ ଜିଲ୍ଲାପାଳମାନେ ଏକ ଆରମ୍ଭ ହୋଇନଥିବା ପ୍ରକଳ୍ପକୁ ସମାନ ସ୍ୱଭାବ ଏବଂ ମୂଳ ମଞ୍ଜୁର ମୂଲ୍ୟ ସହ ସମାନ, ମାନ୍ୟବର ବିଧାୟକଙ୍କଠାରୁ ପ୍ରସ୍ତାବିତ ଏକ ପ୍ରକଳ୍ପ ସହିତ, ପ୍ରତିବଦଳ କରିପାରିବେ । (ପତ୍ର ସଂ.- ୧୩୧୬୭,ତା ୨୨.୧୨.୨୦୨୦ ରିଖ),

୨. ଏଥି ପାଇଁ କାମ କରିବାର ପଥରେ ଆସୁଥିବା ସମସ୍ୟାଗୁଡ଼ିକର ସମାଧାନ କରି ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାର ଯତ୍ନ ନେବାକୁ ପଡ଼ିବ । କୌଣସି ବାଧତାମୂଳକ ପରିସ୍ଥିତିରେ ଜିଲ୍ଲାପାଳ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ସମ୍ପୃକ୍ତପାଣ୍ଠିର ଆବଶ୍ୟକୀୟ ବିନିଯୋଗ ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଜରିଆରେ ସରକାରଙ୍କ ନିକଟକୁ ପଠାଇବାକୁ ପଡ଼ିବ ।

## ୧୫. ନିରୀକ୍ଷଣ ଏବଂ ତଦାରଖ:

### କ. ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ:-

୧. ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ/ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ମୁଖ୍ୟତଃ ଏହି ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ସୁରୁଖୁରୁରେ ଏବଂ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଭାବଶାଳୀ ସଂଯୋଜନ ଏବଂ ସଂଯୋଗ ସ୍ଥାପନ କରିବେ, ସେମାନେ ତତ୍ତ୍ୱାବଧାନ ଏବଂ ତଦାରଖ ପାଇଁ ଦାୟୀ ରହିବେ ।

୨.ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାମାନେ ଯଥାକ୍ରମେ ଯୋଜନା ଓ ସଂଯୋଜନ ବିଭାଗ/ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ/ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ମାସିକ ଓ ତ୍ରୟମାସିକ ପ୍ରଗତି ବିବରଣୀ ଦାଖଲ କରିବେ ।

୩. ଜିଲ୍ଲାପାଳ ଏହି ଯୋଜନା ଅଧୀନରେ କାର୍ଯ୍ୟଗୁଡିକର ଅଗ୍ରଗତି ଏବଂ ପାଣ୍ଠି ବିନିଯୋଗର ସାମଗ୍ରିକ ସମୀକ୍ଷା କରିବେ ଏବଂ ଏହି ଯୋଜନା ଅଧୀନରେ କାର୍ଯ୍ୟଗୁଡିକର ଅଗ୍ରଗତିକୁ ପ୍ରଭାବଶାଳୀ ଭାବରେ ତଦାରଖ ଏବଂ ନିରୀକ୍ଷଣ କରିବେ । ଏଥିପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ଉପ-ନିର୍ଦ୍ଦେଶକ, (ଜିଲ୍ଲା ଯୋଜନା ପର୍ଯ୍ୟବେକ୍ଷଣ) ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ ସହଯୋଗ ଓ ସହାୟତା ପ୍ରଦାନ କରିବେ।

## ଖ-ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ:-

୧. ଉପନିର୍ଦ୍ଦେଶକ, ଜିଲ୍ଲା ଯୋଜନା  ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତଥ୍ୟାବଳୀର ରକ୍ଷଣାବେକ୍ଷଣ ନିମନ୍ତେ ଦାୟୀ ରହିବା ସହିତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପଗୁଡିକର ଅଗ୍ରଗତିର ସମୀକ୍ଷା ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ  ଦ୍ୱାରା ତ୍ରୟମାସିକ ଅଗ୍ରଗତି ରିପୋର୍ଟ ଓ ମାସିକ ଅଗ୍ରଗତି ରିପୋର୍ଟ ଯୋଜନା ଓ ସଂଯୋଜନା ବିଭାଗକୁ ପ୍ରଦାନ କରିବାକୁ ସୁନିଶ୍ଚିତ କରିବେ ।

୨. ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଜିଲ୍ଲା ପରିଷଦ ଦ୍ୱାରା ଯୋଜନା ଓ ସଂଯୋଜନ ବିଭାଗକୁ ବିଧାନସଭା ପ୍ରଶ୍ନର ଉତ୍ତର ପ୍ରଦାନ କରାଯିବାକୁ ସୁନିଶ୍ଚିତ କରିବେ ।

## ୧୭. ଗୁରୁତ୍ୱପୂର୍ଣ୍ଣ ସର୍ତ୍ତାବଳୀ:

ଅନୁଦାନର ପ୍ରଭାବଶାଳୀ ଉପଯୋଗକୁ ସୁନିଶ୍ଚିତ କରିବା, ଲାଭର ଠିକ୍ ସମୟରେ ପ୍ରବାହ ଏବଂ କର୍ମ କାର୍ଯ୍ୟକ୍ରମର ସମୟ ଏବଂ ସ୍ଥାନ ସହିତ ସମାନ ବିସ୍ତାରକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଏହି ଯୋଜନା ଅଧୀନରେ ପାଣ୍ଠି ମଞ୍ଜୁର ଏବଂ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ନିମ୍ନଲିଖିତ ପଦ୍ଧତିଗୁଡ଼ିକର ଅନୁସରଣ କରାଯିବ:

(୧) ତୃଣମୂଳ ସ୍ତରରୁ ଆସୁଥିବା ନୂତନ ପ୍ରସ୍ତାବଗୁଡ଼ିକରେ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତାରୁ ଅନୁଦାନ ପ୍ରଦାନ କରାଯିବ । ଏହି ପ୍ରକଳ୍ପ ମୂଳ ସ୍ୱଭାବର ହୋଇଥିବ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ କିମ୍ବା ଅନ୍ୟ କୌଣସି ଅନୁଦାନପ୍ରାପ୍ତ ନିରବଚ୍ଛିନ୍ନ ଭାବରେ ଚାଲୁ ରହିଥିବା ପ୍ରକଳ୍ପର କିଛି ଅଂଶ ପାଇଁ ଆସିଥିବା ପ୍ରସ୍ତାବକୁ ସାଧାରଣତଃ ଗ୍ରହଣ କରାଯିବ ନାହିଁ ।

(୨) ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରକଳ୍ପ ସେହି ପ୍ରକଳ୍ପର ଆବଣ୍ଟନ ହୋଇଥିବା ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

(୩) ଯଦି ପୂର୍ବରୁ ମଞ୍ଜୁର ହୋଇଥିବା ଅନୁଦାନ ସମ୍ପୂର୍ଣ୍ଣ ଭାବେ ବ୍ୟବହୃତ ହୋଇନଥିବ ଏବଂ ବ୍ୟବହାର ପ୍ରମାଣପତ୍ର ପ୍ରଦାନ କରାଯାଇନଥିବ, ତେବେ ଉକ୍ତ ପ୍ରକଳ୍ପ ପାଇଁ କୌଣସି ନୂତନ ଅନୁଦାନ ମଞ୍ଜୁର କରାଯିବ ନାହିଁ ।

(୪) ଯଦି ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ହାତକୁ ନିଆଯାଇଥିବା କୌଣସି ପ୍ରକଳ୍ପ ପାଣ୍ଠି ଅଭାବରୁ ଅସମ୍ପୂର୍ଣ୍ଣ ରହେ, ତେବେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପାଣ୍ଠିର ଅତିରିକ୍ତ ଆବଶ୍ୟକତାକୁ ପ୍ରାଥମିକତା ଭିତ୍ତିରେ ବିଚାର କରାଯାଇପାରେ, ଏଇ ସର୍ତ୍ତରେ ଯେ ସମୁଦାୟ ଅନୁମୋଦିତ ପାଣ୍ଠି ସର୍ବୋଚ୍ଚ ସୀମା ଅତିକ୍ରମ କରୁନାହିଁ ।

(୫) ଏହା ସୁନିଶ୍ଚିତ କରାଯିବା ଉଚିତ ଯେ ପ୍ରକଳ୍ପ ଶେଷ ହେବା ପରେ, ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଯୋଜନାରେ ସୃଷ୍ଟି ହୋଇଥିବା ସମ୍ପତ୍ତିକୁ ପ୍ରକଳ୍ପର ପରବର୍ତ୍ତୀ ରକ୍ଷଣାବେକ୍ଷଣ ଏବଂ ଉନ୍ନତିକରଣ ପାଇଁ ଉପଭୋକ୍ତା ସଂସ୍ଥାକୁ ହସ୍ତାନ୍ତର କରାଯିବ ।

(୬) ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ସମ୍ପତ୍ତି ସାଧାରଣତଃ ସମ୍ପୃକ୍ତ ବିଭାଗର ହେବା ଉଚିତ ଏବଂ ଯଦି କୌଣସି ବିଭାଗ ଉପଲବ୍ଧ ନ ହୁଏ, ତେବେ ଏହାକୁ ଜିଲ୍ଲା ପରିଷଦକୁ ହସ୍ତାନ୍ତର କରାଯିବ, ଯିଏକି ଏହାକୁ ପଞ୍ଚାୟତିରାଜ ଅନୁଷ୍ଠାନ/ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ହସ୍ତାନ୍ତର କରିବେ।

(୭) ଏହି ଯୋଜନାଅଧୀନରେ କୌଣସି କାର୍ଯ୍ୟ ସରିବା ମାତ୍ରେ ଏହା ସର୍ବସାଧାରଣଙ୍କ ବ୍ୟବହାରରେ ଲଗାଯିବ। ଅଧିକ ଜନସଚେତନତା ନିମନ୍ତେ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟ ପାଇଁ 'ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତାର ଶିଳାଲେଖ ଥିବା ଏକ ଫଳକ (ପଥର/ ଧାତୁ) ସ୍ଥାୟୀ ଭାବେ ନିର୍ମାଣ କରାଯିବ, ଯେଉଁଥିରେ ପ୍ରକଳ୍ପରେ ହୋଇଥିବା ବ୍ୟୟର ପରିମାଣ, ଶୁଭାରମ୍ଭ ସମୟ ଏବଂ ଶେଷ ହେବାର ସମୟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିବ। ଫଳକ ବାବଦ ଖର୍ଚ୍ଚର ମୂଲ୍ୟ ପ୍ରକଳ୍ପ ଖର୍ଚ୍ଚରେ ଅନ୍ତର୍ଭୁକ୍ତ ହେବ।

## ୧୭. ସ୍ପଷ୍ଟୀକରଣ:

ଯଦି ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ କୌଣସି ସନ୍ଦେହ ଥାଏ, ତେବେ ଏହି ବ୍ୟାପାରକୁ ଯୋଜନା ଓ ସଂଯୋଜନ ବିଭାଗରେ ସରକାରଙ୍କ ନିକଟକୁ ପଠାଯାଇପାରିବ, ଯାହାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ।

## ୧୮. ସଂକ୍ଷିପ୍ତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା

| ସନ୍ଦର୍ଭିତ ପାରା ସମୂହ | ସଂଶୋଧିତ ବ୍ୟବସ୍ଥା |
|---|---|
| ପାରା-୧୩ | କ) ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ପାଇଁ ଜିଲ୍ଲାପାଳଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଅଛି ।<br>ଖ) ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାଙ୍କୁ ସୂଚନା ଦିଆଯାଇ ବ୍ଲକ/ୟୁଏଲବି ଦ୍ୱାରା ପରିଚାଳିତ ପ୍ରକଳ୍ପ ପାଇଁ ପୂର୍ବବତ୍ ବି.ଡି.ଓ./କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ, ୟୁ.ଏଲ.ବି. ଙ୍କ ଦ୍ୱାରା ୧୦.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯିବ । |
| ପାରା-୮ ଓ ପାରା-୧୨ | ଜିଲ୍ଲା ପରିଷଦ ପକ୍ଷରୁ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ଅନୁମୋଦନ ଓ ପାଣ୍ଠି ପ୍ରଦାନ ସମ୍ପର୍କରେ ସୂଚନା ପ୍ରଦାନ |
| ପାରା-୧୪ | ମାନ୍ୟବର ବିଧାୟକଙ୍କଠାରୁ ଏଭଳି ପ୍ରସ୍ତାବ ପାଇବା ପରେ ବଦଳି ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ମୂଳ ମଞ୍ଜୁର ମୂଲ୍ୟ ମଧ୍ୟରେ ଜିଲ୍ଲାପାଳମାନେ ସମାନ ଧରଣର ଏକ ପ୍ରକଳ୍ପ ଦ୍ୱାରା ଅଣ- ଷ୍ଟାର୍ଟର ପ୍ରକଳ୍ପକୁ ବଦଳାଇ ପାରିବେ ବୋଲି ସର୍ତ୍ତ ରଖି ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ସ୍ଥାନାନ୍ତର/ବିକଳ୍ପ ପାଇଁ କ୍ଷମତା ପ୍ରଦାନ କରିବା । |

## ଯୋଗପତ୍ର - ୧

## ମୁଖ୍ୟମନ୍ତ୍ରୀ-ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଥିବା ଗ୍ରହଣୀୟ ଏବଂ ଅଗ୍ରହଣୀୟ ପ୍ରକଳ୍ପଗୁଡ଼ିକର ତାଲିକା

### ଗ୍ରହଣୀୟ ପ୍ରକଳ୍ପ ତାଲିକା

୧. ହରିଜନ ବସ୍ତି/ଆଦିବାସୀମାନଙ୍କ ବସତି /ବାଳିକା ଉଚ୍ଚ ବିଦ୍ୟାଳୟ/ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ବିଦ୍ୟୁତୀକରଣ ।

୨. ହରିଜନ ବସ୍ତି/ଆଦିବାସୀମାନଙ୍କ ବସତିକୁ ସଡ଼କନିର୍ମାଣ ।

୩. ଅନୁସୂଚିତ ଜାତି/ଜନଜାତିର କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ।

୪. ପୁରୁଣା ସାଂସ୍କୃତିକ/ଐତିହ୍ୟପୂର୍ଣ୍ଣ କୋଠାଘରର ସୁରକ୍ଷା ।

୫. ରାଜ୍ୟସ୍ତରୀୟ ସରକାରୀ/ବେସରକାରୀ ସାଂସ୍କୃତିକ /କ୍ରୀଡ଼ା ଅନୁଷ୍ଠାନଗୁଡ଼ିକର ସମ୍ପ୍ରସାରଣ / ନବୀକରଣ ।

୬. ବିଦ୍ୟମାନ ରାସ୍ତାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅନୁପସ୍ଥିତ ସଂଯୋଗଗୁଡ଼ିକ ପ୍ରଦାନ କରିବା ପାଇଁ ଛୋଟ ଛୋଟ କାର୍ଯ୍ୟ ଯଥା, କଲଭର୍ଟ, ପୋଲ, ବନ୍ଧ ରାସ୍ତା ଏବଂ ନାଳ ।

୭. ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ।

୮. ବିଦ୍ୟାଳୟଗୁଡିକରେ ଅସମ୍ପୂର୍ଣ୍ଣ କୋଠରୀଗୁଡ଼ିକୁ ସମ୍ପୂର୍ଣ୍ଣ କରିବା / ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ।

୯. ପ୍ରାଥମିକ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ପରିସ୍ରାଗାର, ଶୌଚାଗାର, ନଳକୂପର ବ୍ୟବସ୍ଥା ।

୧୦. ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ବିଜ୍ଞାନ / ସୂଚନା ପ୍ରଯୁକ୍ତିବିଦ୍ୟା / ବାୟୋଟେକ୍ନୋଲୋଜି/ ଅନ୍ୟାନ୍ୟ ଆଧୁନିକ ଟେକ୍ନୋଲୋଜିର ପ୍ରଚାରକୁ ପ୍ରୋତ୍ସାହିତ କରୁଥିବା ପ୍ରକଳ୍ପ ସମୂହ ।

୧୧. ବିଦ୍ୟମାନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ସବ୍ ସେଣ୍ଟରକୁ ସମ୍ପ୍ରସାରଣ ଏବଂ ବିଦ୍ୟମାନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲେବର ରୁମ୍, ଅପରେସନ୍ ଥିଏଟର ଏବଂ ଇନଡୋର ୱାର୍ଡ କୋଠା ନିର୍ମାଣ ।

୧୨. ଡାକ୍ତରଖାନାମାନଙ୍କରେ ଏକ୍ସ-ରେ ମେସିନ / ଅପରେସନ ଥିଏଟରଗୁଡ଼ିକରେ ଏୟାର କଣ୍ଡିସନର ବ୍ୟବସ୍ଥା ।

୧୩. ସରକାରୀ ଆୟୁର୍ବେଦିକ / ହୋମିଓପ୍ୟାଥିକ ଚିକିତ୍ସାଳୟ ନିର୍ମାଣ ଏବଂ ସମ୍ପ୍ରସାରଣ ।

୧୪. ଖର୍ଚ୍ଚ ବଣ୍ଟନ ଭିତ୍ତିରେ ସମସ୍ୟାଗ୍ରସ୍ତ ଗାଁ ଏବଂ ସହରାଞ୍ଚଳରେ ଜଳ ଯୋଗାଣ କାର୍ଯ୍ୟ ।

୧୫. ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଭିତ୍ତିଭୂମି ସୁବିଧାଗୁଡ଼ିକର ବିକାଶ ।

୧୬. ସର୍ବସାଧାରଣ ପାଠାଗାର କୋଠା / ଭାଗବତ ଘର ନିର୍ମାଣ ।

୧୭. ପୁରୁଣା ଧାର୍ମିକ ସ୍ମାରକୀ / ସାଂସ୍କୃତିକ / କ୍ରୀଡ଼ା ଅନୁଷ୍ଠାନଗୁଡ଼ିକର ନବୀକରଣ / ପୁନଃନିର୍ମାଣ / ମରାମତି ।

୧୮. ରାଜ୍ୟସ୍ତରୀୟ କ୍ରୀଡ଼ା କାର୍ଯ୍ୟକଳାପ / ପ୍ରତିନିଧିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତାବ ।

୧୯. ସରକାରୀ ମାଲିକାନାରେ ଖର୍ଚ୍ଚ ବଣ୍ଟନ ଭିତ୍ତିରେ କଲ୍ୟାଣ ମଣ୍ଡପ ନିର୍ମାଣ ।

୨୦. ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ପ୍ରକଳ୍ପ ।

୨୧. ଇଲେକ୍ଟ୍ରିକ୍ ଶ୍ମଶାନ ସ୍ଥାପନ ।

୨୨. ମୋବାଇଲ୍ ଟାୱାର ସ୍ଥାପନ (ଏସ୍.ଓ. ସଂ.୪୭୦୭, ତା ୩୧.୦୩.୨୦୨୧ ରିଖ) ।

୨୩. ସ୍ୱାଗତ ନିମନ୍ତେ ପ୍ରବେଶ ଦ୍ୱାର ନିର୍ମାଣ, ବରପୁତ୍ର ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନରେ ସ୍ମୃତି ସ୍ତମ୍ଭ ଏବଂ ସ୍ମାରକ କୋଠା ନିର୍ମାଣ ।

## ଅଗ୍ରହଣୀୟ ପ୍ରକଳ୍ପର ତାଲିକା

୧. ଜାତୀୟ ରାଜପଥ/ ରାଜ୍ୟ ରାଜପଥ /ଜିଲ୍ଲା ସଡ଼କଗୁଡ଼ିକର ନିର୍ମାଣ ଓ ମରାମତି ।

୨. ପ୍ରମୁଖ ସେତୁ ସମୂହ ।

୩. ସହରାଞ୍ଚଳ / କ୍ୟାଚ୍‌ମେଣ୍ଟ ଅଞ୍ଚଳ ଏବଂ ଯେଉଁ ଅଞ୍ଚଳଗୁଡ଼ିକ ଏନ.ଆର.ଇ.ପି., ଜେ.ଆର.ୱାଇ. ଏବଂ ପି.ଏମ.ଜି.ଏସ.ୱାଇ. ଯୋଜନା ଅଧୀନରେ ଆସୁଛି, ସେହିସବୁ ଅଞ୍ଚଳରେ ସଡ଼କ ନିର୍ମାଣ ଓ ମରାମତି ।

୪. ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ।

୫. କର୍ମଚାରୀ (ଷ୍ଟାଫ୍) କ୍ୱାର୍ଟର୍ସ ନିର୍ମାଣ ।

୬. ଆକସ୍ମିକ ଖର୍ଚ୍ଚ ଯେପରିକି ଆସବାବପତ୍ର, ପରୀକ୍ଷାଗାର ଉପକରଣ, ପାଠାଗାର ବହି, କ୍ରୀଡ଼ା ଉପକରଣ, ଔଷଧ, ଗାଡ଼ି, ରେଡିଓ, ଟେଲିଭିଜନ ସେଟ୍ ଇତ୍ୟାଦି କ୍ରୟ ।

୭. ନିୟମିତ ମରାମତିର ଏକ ପ୍ରକଳ୍ପ / ରକ୍ଷଣାବେକ୍ଷଣ ପ୍ରକୃତିର କିମ୍ବା ଏକ ପୁନରାବୃତ୍ତି ଖର୍ଚ୍ଚ ଆବଶ୍ୟକ କରୁଥିବା ଏକ ପ୍ରକଳ୍ପ କିମ୍ବା ଏକ ଭବିଷ୍ୟତ ଦାୟିତ୍ୱକୁ ଆମନ୍ତ୍ରଣ କରୁଥିବା ପ୍ରକଳ୍ପ।

୮. ଗୋଷ୍ଠୀକୁ ବ୍ୟାପକ ଭାବରେ ଉପକୃତ କରୁନଥିବା, ବରଂ ଜଣେ ବ୍ୟକ୍ତିଙ୍କୁ ଉପକୃତ କରୁଥିବା ଏକ ପ୍ରକଳ୍ପ ।

୯. କୌଣସି ପ୍ରକାରର ପାରିତୋଷିକ, ଆର୍ଥିକ ସହାୟତା କିମ୍ବା ସବସିଡି।

୧୦. ବକେୟା ଋଣ ଏବଂ ଦେୟ ପରିଶୋଧ, ଜମି କ୍ରୟ, କ୍ଷତିପୂରଣ ପ୍ରଦାନ ।

୧୧. ସର୍ଭେ, ଅଧ୍ୟୟନ, ମୂଲ୍ୟାଙ୍କନ ଏବଂ ଗବେଷଣା ପ୍ରକଳ୍ପ ।

୧୨. ଅଫିସ କୋଠା, ସରକାରୀ/ ବେସରକାରୀ ସଂଗଠନଗୁଡ଼ିକର କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ।

୧୩. ବ୍ୟବସାୟିକ ସଂଗଠନ / ସେବା ସଂଘ ସମ୍ବନ୍ଧୀୟ କାର୍ଯ୍ୟ ।



**ଯୋଜନା ଓ ସଂଯୋଜନ ବିଭାଗ**

ଓଡିଶା ସରକାର

pc.odisha.gov.in
cmsa.odisha.gov.in